ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁଲାଇ ୧୦

# ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ.....



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କୁ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି । ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି ।' ଗୁରୁଙ୍କ ଶ୍ରୀଚରଣରେ ସୃଷ୍ଟିସ୍ଥିତି ଓ ପ୍ରଳୟର ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି । ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର କହିଛନ୍ତି 'ଯୁଗପୁରୁଷ ଆବିର୍ଭାବେ, ଦେବଶକ୍ତି-ସିଦ୍ଧଶକ୍ତି, ଅତି-ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ-ରଶ୍ମୀ ଯେଭଳି ସ୍ୱଭାବ ସଂହତି ।' ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି । ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ । ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ । ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ସହିତ ସମାନ ସ୍ଥାନ ଦିଆଯାଇଛି । କୁହାଯାଇଛି - 'ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମନ୍ତ୍ରମୂଳଂ ଗୁରୁବାକ୍ୟ, ମୋକ୍ଷଂମୂଳ ଗୁରୁକୃପା' । ଆଲୋଚନା ପ୍ରସଙ୍ଗରେ ଜଗତ୍‌ଗୁରୁ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- ଗୁରୁ ସର୍ବସ୍ୱ ଓ କେନ୍ଦ୍ରାନୁଗ ଆକର୍ଷଣେ ଏକାନ୍ତ ଆବଶ୍ୟକ । ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡ - ଗ୍ରହ-ନକ୍ଷତ୍ର-ତାରା, କ୍ଷିତି-ଅପ୍-ତେଜ-ମରୁତ୍-ବ୍ୟୋମ, ଗଛ-ଲତା, ପଶୁ-ପକ୍ଷୀ, ମନୁଷ୍ୟ, ତୁମେ ଓ ମୁଁ - ନାନା ପର୍ଯ୍ୟାୟରେ, ନାନା ସ୍ତରରେ, ନାନା କ୍ରମରେ ସେହି କେନ୍ଦ୍ରାନୁଗ ଆକର୍ଷଣର ପ୍ରତିଫଳନ । ସଦ୍‌ଗୁରୁଙ୍କୁ ଗ୍ରହଣ କରି ତାଙ୍କର ନିର୍ଦ୍ଦେଶାନୁସାରେ ବିହିତ ଭାବରେ ସାଧନ କଲେ ଏହାର ରହସ୍ୟ ଧୀରେ ଧୀରେ ଫୁଟି ଉଠେ - ସବୁକିଛି ଆଖିରେ ଦେଖାଯାଏ ଓ କାନରେ ଶୁଣାଯାଏ । ଏହା ହିଁ ବିଜ୍ଞାନ । ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ୍ୟ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

*ପ୍ରତିରତ୍ୱିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଭାରତୀୟ ଗୁରୁକୁଳ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା



ପ୍ରଦୀପ୍ତ କୁମାର ଜେନା

ଗୁରୁ ଏକ ସଂସ୍କୃତ ଶବ୍ଦ ଓ ଏହି ଶବ୍ଦ ଅତି ପ୍ରାଚୀନ କାଳରୁ, ଏପରିକି ବୈଦିକ ଯୁଗରୁ ଚଳି ଆସୁଅଛି । ଯେଉଁ ମହାନୁଭବ ପଣ୍ଡିତ, ସାଧୁସନ୍ଥ ମଣିଷକୁ ଅଜ୍ଞାନ ରୂପକ ଅନ୍ଧାକାର ଭିତରୁ ଆଲୋକକୁ ନେଇଥାନ୍ତି ବା ମଣିଷ ଜୀବନର ସାମଗ୍ରିକ ପାଇଁ ମାର୍ଗଦର୍ଶନ କରାଇବା ସହିତ ମୋକ୍ଷ ପ୍ରାପ୍ତିର ଉପାୟ ବତାଇଥା'ନ୍ତି ସେହିମାନେ ହିଁ ପ୍ରକୃତ ଗୁରୁ । ସେଥିପାଇଁ କୁହାଯାଇଛି 'ଓଁ ଅଜ୍ଞାନ ତିମିରାମ ଧସ୍ୟ ଜ୍ଞାନାମ୍‌ଜନ ଶଳା କୟା, ଚକ୍ଷୁରୁମ୍‌ଲିତମ୍ ଜେନ ତସ୍ମୈ ଶ୍ରୀ ଗୁରବେ ନମଃ ।' ଜଣେ ବ୍ୟକ୍ତି ଜ୍ଞାନ ଅର୍ଜନ କରିବା ସହିତ ସଫଳତାର ସୋପାନ ଅତିକ୍ରମ କରିବା ପାଇଁ ହେଲେ ପ୍ରତ୍ୟେକ କ୍ଷେତ୍ରରେ, ଏପରିକି ନୃତ୍ୟ, ସଂଗୀତ, ଯୋଗ ବିଦ୍ୟା ଆଦିରେ ଜଣେ ଜଣେ ସଫଳ ଗୁରୁଙ୍କ ଆବଶ୍ୟକତା ପଡ଼ିଥାଏ ।

ବିନା ଗୁରୁରେ କୌଣସି କାର୍ଯ୍ୟ ସମ୍ଭବ ନୁହେଁ । Guru is a mentor, guide, expert or master of certain knowledge of field, who helps in the spiritual evolution and disperse the darkness of ignorance of a student. ଆମ ଶାସ୍ତ୍ରରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ତୁଳନା କରାଯାଇଛି । ପିଲାଟିଏ ଭୂମିଷ୍ଠ ହେବାପରେ ସେ କିଛି ଜାଣିନଥାଏ, ଏପରିକି କଥା କହିବା, ଚାଲିବା, ଖାଇବା ଇତ୍ୟାଦି । ପିଲାଟିର ପିତା ମାତା ତାକୁ ଖାଇବା, ଚାଲିବା, କଥା କହିବା ଆଦି ଶିକ୍ଷା ଦେଇଥା'ନ୍ତି । ସେଥିପାଇଁ ପିତା ମାତା ପିଲାଟିର ଆଦ୍ୟା ଗୁରୁ । ପ୍ରାଚୀନ କାଳରେ ପିଲାଟି ଯେତେବେଳେ ବଡ଼ ହେଇଯାଏ, ପାଠ ପଢ଼ିବାର ବୟସ ଉପନୀତ ହୁଏ ତା'ର ପିତା ମାତା ତାକୁ ନେଇ ଗୁରୁକୂଳରେ ଛାଡି ଦେଇ ଆସୁଥିଲେ । ସେହି ଆଶ୍ରମରେ ପିଲାଟି ବୈଷୟିକ ବିଦ୍ୟା ପଢିବା ସହିତ ଆଧାତ୍ମିକ ବିଦ୍ୟା ପାଠ କରୁଥିଲା । ମୁଖ୍ୟତଃ ବ୍ରାହ୍ମଣମାନେ ଗୁରୁକୂଳଗୁଡିକୁ ଚଳାଉଥିଲେ । ଆଜିର ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଓ ସେଦିନର ଗୁରୁକୁଳର ଗୁରୁ ଭିତରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଆଜିର ଇଂରାଜୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଗୁରୁ କୁହାଯାଉନି; କାରଣ ଏମାନେ ଛାତ୍ରମାନଙ୍କୁ କେବଳ ବୈଷୟିକ ବିଦ୍ୟାଶିକ୍ଷା ଦେଇଥା'ନ୍ତି । କିନ୍ତୁ ଗୁରୁକୂଳରେ ଉଭୟ ବୈଷୟିକ ଓ ଆଧାତ୍ମିକ ଶିକ୍ଷା ଦିଆଯାଉଥିବାରୁ ସେମାନଙ୍କୁ ଗୁରୁ କୁହାଯାଇଥାଏ । ସ୍କନ୍ଦ ପୁରାଣରେ ସାତ ପ୍ରକାର ଗୁରୁଙ୍କ କଥା ବର୍ଣ୍ଣନା କରାଯାଇଛି । ସେମାନେ ହେଲେ ସୂଚକ ଗୁରୁ, ବାଚକ ଗୁରୁ, ବୌଦ୍ଧିକ ଗୁରୁ, ନିଷିଦ୍ଧ ଗୁରୁ, ବିହିତ ଗୁରୁ, କାମାକ୍ଷା ଗୁରୁ ଏବଂ ପରମ ଗୁରୁ । ବିଦ୍ୟାଳୟଗୁଡିକରେ ଯେଉଁ ଗୁରୁମାନେ ବିଦ୍ୟାଦାନ କରୁଛନ୍ତି ସେମାନଙ୍କୁ ସୂଚକ ଗୁରୁ କୁହାଯାଏ, ଯେଉଁ ଗୁରୁ ଛାତ୍ରଙ୍କୁ ଇଶ୍ୱରୀୟ ଜ୍ଞାନ ପ୍ରଦାନ କରନ୍ତି ସେମାନଙ୍କୁ ବାଚକ ଗୁରୁ ଓ ଯେଉଁ ଗୁରୁ ଛାତ୍ରମାନଙ୍କୁ ଆଧ୍ୟାତ୍ମିକ ବିଦ୍ୟା ସମ୍ପର୍କରେ ସଚେତନ କରାଏ ସେମାନଙ୍କୁ ବୌଦ୍ଧିକ ଗୁରୁ ବୋଲି କୁହାଯାଏ । ଯେଉଁମାନେ ତନ୍ତ୍ର ବିଦ୍ୟା ପ୍ରଦାନ କରନ୍ତି ସେମାନଙ୍କୁ ନିଷିଦ୍ଧ ଗୁରୁ ଓ ଯେଉଁ ଗୁରୁ ମାନେ ଆଧାତ୍ମିକକ ବିଦ୍ୟାରେ ଆଗକୁ ଯିବାକୁ ପ୍ରେରଣା ଦିଅନ୍ତି ସେମାନଙ୍କୁ ବିହିତ ଗୁରୁ କୁହାଯାଉଥିବା ବେଳେ ଯେଉଁ ଗୁରୁମାନେ ସଂସାରର ସମସ୍ତ ଭୋଗ୍ୟ ବିଷୟକୁ ପରିହାର କରି ସନ୍ନ୍ୟାସୀ ହେବାକୁ ଉପଦେଶ ଦିଅନ୍ତି ସେମାନଙ୍କୁ କାମାକ୍ଷା ଗୁରୁ କୁହାଯାଏ । ଗୁରୁଙ୍କ ଗୁରୁଙ୍କୁ ପରମ ଗୁରୁ କୁହାଯାଇଥାଏ । ପରମ ଗୁରୁଙ୍କ ଗୁରୁଙ୍କୁ ପରମେଷ୍ଠି ଗୁରୁ କୁହାଯାଇଥାଏ । ପରମେଷ୍ଠି ଗୁରୁଙ୍କୁ କ୍ଷସଶକ୍ଷ କ୍ଷରଙ୍ଗରକ୍ଷ ୟସଙ୍ଗସଭର ଗୁରୁ କୁହାଯାଏ । ବ୍ୟାସଦେବଙ୍କୁ ପରମେଷ୍ଠି ଗୁରୁ କୁହାଯାଏ ।

ଗୁରୁ ଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ପରିଚୟ ଓ ଅତି ପ୍ରାଚୀନ । ଭାରତରେ ଗୁରୁ ପୂର୍ଣ୍ଣମୀ ତିଥିକୁ ଅତି ଶ୍ରଦ୍ଧାର ସହିତ ପାଳନ କରାଯାଏ । କୁହାଯାଏ ୧୫ ହଜାର ବର୍ଷ ପୂର୍ବରୁ ଭଗବାନ ଶିବ ଶଙ୍କର ତପସ୍ୟାରେ ସିଦ୍ଧି ଲାଭ କରି ଖୁସିରେ ହିମାଳୟ ପର୍ବତରେ ଉଦଣ୍ଡ ନୃତ୍ୟ କରୁଥିଲେ । ଭଗବାନଙ୍କ ଏହି ରୂପକୁ ଦର୍ଶନ କରି ସପ୍ତରଷି ବୃହସ୍ପତି, ମହେନ୍ଦ୍ର, ପ୍ରଚେତସ, ମନୁ, ଭାରଦ୍ୱାଜ ପ୍ରଭୃତି ଏହି ନୃତ୍ୟର ରହସ୍ୟ ଜାଣିବାକୁ ପ୍ରଭୁଙ୍କ ନିକଟକୁ ଗଲେ । କିନ୍ତୁ ଭଗବାନ ପୁନର୍ବାର ଧ୍ୟାନ ମଗ୍ନ ହୋଇଯିବା ଫଳରେ ଋଷି ମଣ୍ଡଳୀ କୌଣସି ଉ□ର ପାଇପାରିଲେ ନାହିଁ, କିନ୍ତୁ ଅପେକ୍ଷା କଲେ । କିଛି ବର୍ଷପରେ ପୁଣି ଯେତେବେଳେ ପ୍ରଭୁ ଆଖି ଖୋଲିଲେ ସେ ସପ୍ତରଷିମାନଙ୍କୁ ଦେଖିଲେ, ହେଲେ ଏଥର ମଧ୍ୟ ଋଷିମାନେ ନିରାଶ ହେଲେ, ଉ□ର ପାଇପାରିଲେ ନାହିଁ । ପୁନର୍ବାର ପ୍ରଭୁ ସମାଧି ଅବସ୍ଥାକୁ ଚାଲିଗଲେ ଓ ପୁଣି କିଛି ବର୍ଷ ପରେ ପ୍ରଭୁ ଯେତେବେଳେ ସମାଧି ଅବସ୍ଥାରୁ ବାହାରକୁ ଆସିଲେ ଦେଖିଲେ ଋଷିମନେ ନିଷ୍ଠା ଓ ଧର୍ଯ୍ୟର ସହିତ ପ୍ରଶ୍ନର ଉ□ର ପାଇଁ ଅପେକ୍ଷା କରିଛନ୍ତି । ପ୍ରଭୁ ସେମାନଙ୍କ ନିଷ୍ଠା ଓ ସଂକଳ୍ପରେ ପ୍ରଭାବିତ ହୋଇ ଆସନ୍ତା ପୂର୍ଣ୍ଣମୀ ତିଥିରେ ସେହି ଋଷିମାନଙ୍କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କରିନେଲେ । ସେହି ପୂର୍ଣ୍ଣମୀକୁ ଗୁରୁ ପୂର୍ଣ୍ଣମୀ ଭାବେ ପାଳନ କରାଯାଉଛି । ସେହିଦିନଠାରୁ ଶିବ ଆଦିଗୁରୁ ଭାବେ ଆମ ସଂସ୍କୃତିରେ ପୂଜା ପାଇ ଆସୁଛନ୍ତି । ପରାଶର ନନ୍ଦନ ବ୍ୟାସଦେବଙ୍କ ଜନ୍ମ ଗୁରୁ ପୂର୍ଣ୍ଣମୀରେ ହୋଇଥିବାରୁ ଏହାକୁ ମଧ୍ୟ ବ୍ୟାସ ପୂର୍ଣ୍ଣମୀ କୁହାଯାଇଥାଏ । ଭଗବାନ ଶିବ ଶଙ୍କର ପରେ ବ୍ୟାସଦେବଙ୍କୁ ମଧ୍ୟ ଆଦିଗୁରୁ ଭାବେ ସମ୍ମାନ ଦିଆଯାଏ । ବ୍ରହ୍ମଦେବଙ୍କ ଦ୍ୱାରା ସୃଷ୍ଟ ବେଦକୁ ବ୍ୟାସଦେବ ଯଥା–ଋକ, ଯଜୁ, ସାମ ଓ ଅଥର୍ବ ଏଇ ଭଳି ଚାରି ଭାଗରେ ବିଭକ୍ତ କରି ପ୍ରଥମେ ଲୋକଲୋଚନକୁ ଆଣିଥିଲେ । ବେଦ ହିଁ ଭାରତୀୟ ସଂସ୍କୃତିର ମୂଳ ଗ୍ରନ୍ଥ । ଏତଦବ୍ୟତୀତ ବ୍ୟାସଦେବ ଅଷ୍ଟାଦଶ ପୁରଣ ଓ ଅଷ୍ଟାଦଶ ଉପପୁରଣ ରଚନା କରି ଭାରତରେ ପୁରାଣ ପରମ୍ପରା ସୃଷ୍ଟି କରିଥିଲେ । ଏ ସମସ୍ତ ପୁରାଣ ଓ ଉପପୁରାଣ ମଧ୍ୟରେ ଭାଗବତମ୍ ଥିଲା ତାଙ୍କର ସର୍ବଶ୍ରେଷ୍ଠ କୃତି, ଯାହାକୁ ତାଙ୍କର ପୁତ୍ର ଶୁକଦେବ ମୁନି ପରବ□ୀ ସମୟରେ ପ୍ରଚାର କରିଥିଲେ । ବ୍ୟାସଦେବ ଭଗବାନଙ୍କ ଅଂଶାବତାର ଥିଲେ, ସେଥିପାଇଁ କୁହାଯାଏ ବ୍ୟସାୟ ବିଷ୍ଣୁ ରୂପାୟ ବ୍ୟାସ ରୂପାୟ ବିଷ୍ଣୋବେ । ସୃଷ୍ଟି ଆରମ୍ଭରେ ବୃହସ୍ପତି ଦେବତାମାନଙ୍କ ଗୁରୁ ଥିବା ବେଳେ, ଶୁକ୍ରାଚାର୍ଯ୍ୟ ଅସୁର ମାନଙ୍କ ଗୁରୁ ଥିଲେ ଓ ଏହି ଦୁଇଜଣ ଶିବ ଶଙ୍କରଙ୍କର ମଧ୍ୟ ଶିଷ୍ୟ ଥିଲେ ।

ଅତୀତରେ ସନାତନ ସଂସ୍କୃତିରେ, ଏପରିକି ବୈଦିକ କାଳରୁ ଅର୍ଥାତ ଖ୍ରୀଷ୍ଟପୂର୍ବ ୫୦୦୦ ବର୍ଷ ପୂର୍ବରୁ ବର୍ଣ୍ଣ ବ୍ୟବସ୍ଥା ପ୍ରଚଳିତ ଥିଲା । ପିଲାଟିର ଯେତେବେଳେ ବିଦ୍ୟା ଗ୍ରହଣ କରିବାର ବୟସ ଉପନୀତ ହେଉଥିଲା ତା'ର ପିତାମାତା ତାକୁ ନେଇ ଗୁରୁ ଆଶ୍ରମରେ ଛାଡି ଦେଉଥିଲେ । ଗୁରୁଙ୍କ ଆଶ୍ରମରେ ପିଲାଟି ପ୍ରାପ୍ତବୟସ୍କ ଅର୍ଥାତ ୨୪/୨୫ ବର୍ଷ ପର୍ଯ୍ୟନ୍ତ ରହି ଗୁରୁଙ୍କଠାରୁ ବୈଷୟିକ ବିଦ୍ୟା ସହିତ ଆଧାତ୍ମିକ ବିଦ୍ୟା ଓ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ଏକ ସୁନାଗରିକ ଭାବେ ସମାଜରେ ଉଭା ହେଉଥିଲା । ଏହି ବ୍ୟବସ୍ଥାର ନାଁ ଥିଲା ବ୍ରହ୍ମଚର୍ଯ୍ୟ ପ୍ରଥା । ପିଲାଟିଏ ଗୁରୁ ଗୃହରେ ପହ□ିବା ପରେ ପ୍ରଥମେ ତା'ର ଉପନୟନ ସଂସ୍କାର କରାଯାଇ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ କୁହାଯାଉଥିଲା । ଗୁରୁ ଶିଷ୍ୟମାନଙ୍କୁ ନିଜ ପୁତ୍ର ଭଳି ସ୍ନେହ ଓ ଶ୍ରଦ୍ଧା ପୂର୍ବକ ବିଦ୍ୟାଦାନ କରୁଥିଲେ ଓ ଛାତ୍ରମନେ ଗୁରୁଙ୍କ ସେବା ଅତି ଯତ୍ନ ଓ ଭକ୍ତିର ସହିତ କରୁଥିଲେ । ପ୍ରାତଃ ମୁହୂ□ରୁ ପିଲାମାନେ ଶଯ୍ୟା ତ୍ୟାଗ କରି ନିକଟସ୍ଥ ନଦୀ କିମ୍ବା ଜଳାଶ୍ରୟରେ ସ୍ନାନ କରି ସୂର୍ଯ୍ୟ ବନ୍ଦନା କରୁଥିଲେ ଓ ଏହାପରେ ଦିନ ପ୍ରାୟ ୧୧ ପର୍ଯ୍ୟନ୍ତ ପାଠ ପଢ଼ାରେ ମନୋନିବେଶ କରି ୧୧ ପରେ ଭିକ୍ଷାଟନକୁ ଯାଇ ଯାହା ଆଣୁଥିଲେ ସେଥିରୁ କିଛି ଖାଦ୍ୟ ଖାଇ ପୁନର୍ବାର ପାଠ ପଢୁଥିଲେ । ପାଠ ସନ୍ଧ୍ୟା ପର୍ଯ୍ୟନ୍ତ ପଢି ସାରିବା ପରେ ସନ୍ଧ୍ୟା ବନ୍ଦନା କରି ପ୍ରସାଦ ସେବନ କରି ବିଶ୍ରାମ କରୁଥିଲେ । ଏ ଥିଲା ପ୍ରତ୍ୟେକ ଦିନର ଜୀବନଚର୍ଯ୍ୟା । ଗୁରୁ ଗୃହରେ ପ୍ରାୟ ୧୮/୨୦ଟି ବିଷୟ ଉପରେ ଯଥା–ବେଦ, ବେଦାନ୍ତ, ବ୍ୟାକରଣ, ଇତିହାସ, ଗଣିତ, ଜ୍ୟୋତିଷ ଶାସ୍ତ୍ର, ଶିଳ୍ପକଳା, ଅର୍ଥ ଶାସ୍ତ୍ର, ଧର୍ନୁବିଦ୍ୟା, ଦର୍ଶନ, ଆର୍ଯ୍ୟବେଦ, ଯୋଗ, ରାଜନୀତି ବିଜ୍ଞାନ, ଜ୍ୟୋତିଷ ଗଣିତ, ରାମାୟଣ, ମହାଭାରତ ଆଦି ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା । ଏହି ଆଶ୍ରମମାନଙ୍କରେ ବିଦେଶରୁ ମଧ୍ୟ ପିଲାମାନେ ଆସି ବିଦ୍ୟା ଶିକ୍ଷା କରୁଥିଲେ । ଏହି ଆଶ୍ରମରୁ ଶିକ୍ଷା ଲାଭ କରି ଶ୍ରୀରାମଚନ୍ଦ୍ର ଭଗବାନ, କୃଷ୍ଣ, ଚନ୍ଦ୍ରଗୁପ୍ତ, ଚାଣକ୍ୟ, ପତଞ୍ଜଳି, ପାଣିନୀ ଭଳି ବିଦ୍ୱାନମନେ ନିଜର ଜ୍ଞାନାଲୋକରେ ସମଗ୍ର ପୃଥିବୀକୁ ଆଲୋକିତ କରିପାରିଥିଲେ । ପ୍ରାଚୀନ କାଳରେ ଭାରତରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ନାଳନ୍ଦା, ତକ୍ଷଶିଳା, ଯେଉଁଠାରେ ପୃଥିବୀ ଅନେକ ଦେଶର ଛାତ୍ରମାନେ ଅଧ୍ୟୟନ କରିବାର ଗୌରବ ଅର୍ଜନ କରୁଥିଲେ । ବର୍ଣ୍ଣଶ୍ରାମର ଦ୍ୱିତୀୟ ଅବସ୍ଥାକୁ ଗ୍ରାହ୍ୟସ୍ତ କୁହାଯାଏ । ଏହି ଅବସ୍ଥାରେ ବ୍ୟକ୍ତି ସ୍ୱଗୃହକୁ ଫେରି ଆସି ସଂସାର ବନ୍ଧନରେ ବାନ୍ଧି ହୋଇ କର୍ମ କରିଥାଏ । ସେ ଯେତେବେଳେ ୬୦ ବର୍ଷରେ ପଦାର୍ପଣ କରେ ସାଂସାରିକ ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ ପାଇଁ ଜପ ତପ, ଭଜନ କୀ□ନ କରିଥାଏ । ଏହି ଅବସ୍ଥାକୁ ବାନପ୍ରସ୍ଥ ଅବସ୍ଥା କୁହାଯାଏ । ବ୍ୟକ୍ତି ଏହି ସମୟରେ ଗୃହରେ ରହି ଗୃହ କାର୍ଯ୍ୟରେ ବା ସାଂସାରିକ ଜଞ୍ଜାଳରୁ ଦୁରେଇ ରହିଥାଏ । ପଦ୍ମ ପତ୍ରରେ ଜଳ ପଡିଲେ ଯେଭଳି ପତ୍ରରେ ନ ରହି ଗାଡ଼ିଯାଏ ଠିକ ସେହିପରି ବ୍ୟକ୍ତି ସଂସାର ଭିତରେ ଥାଇ ସାଂସାରିକ କର୍ମରୁ ବିରତ ରହେ । ପରବ□ୀ ଅବସ୍ଥାକୁ ସନ୍ୟାସ କୁହାଯାଏ । ଏହି ସମୟରେ ବ୍ୟକ୍ତି ନିଜର ସମସ୍ତ ଦାୟିତ୍ୱ ନିଜ ସନ୍ତାନ ସନ୍ତତିମାନଙ୍କ ହାତରେ ଅର୍ପଣ କରି ଗୃହ ପରିତ୍ୟାଗ କରେ ଓ ଏକ ସନ୍ନ୍ୟାସୀ ଜୀବନ ଯାପାନ କରି ଜୀବନର ଶେଷ ଭାଗରେ ଈଶ୍ୱରଙ୍କ ସେବାରେ ନିଜକୁ ସମର୍ପଣ କରିଥାଏ । ଶିଷ୍ୟମାନେ ଗୁରୁଙ୍କୁ ଭଗବାନଙ୍କ ଭଳି ଭକ୍ତି ଓ ସେବା କରୁଥିଲେ । ଅରୁଣି ନାମକ ଏକ ଶିଷ୍ୟ ଗୁରୁଙ୍କ କ୍ଷେତରେ ପାଣିର ସ୍ରୋତକୁ ବନ୍ଦ କରିନପାରି ନିଜେ ଶୋଇପଡ଼ିବା ଓ ପାଣିର ସ୍ରୋତକୁ ଅଟକାଇବା କଥା ସମସ୍ତେ ଜାଣନ୍ତି । ଦ୍ରୋଣାଚାର୍ଯ୍ୟ ଏକଲବ୍ୟକୁ ଶସ୍ତ୍ର ଶିକ୍ଷା ଦେଇନଥିଲେ । ଏକଲବ୍ୟ ମନରେ ଓ ପ୍ରାଣରେ ଦ୍ରୋଣାଚାର୍ଯ୍ୟଙ୍କୁ ଗୁରୁ ମନେ କରି ଶସ୍ତ୍ର ଶିକ୍ଷା କରିବା ଓ ଗୁରୁ ଦକ୍ଷିଣା ବାବଦକୁ ନିଜର ବୃଦ୍ଧ ଆଙ୍ଗୁଳିକୁ କାଟି ଗୁରୁଙ୍କୁ ସମର୍ପଣ କରିବା ଗୁରୁ ଶିଷ୍ୟ ପରମ୍ପରାର ମହନୀୟତାକୁ ପ୍ରତିପାଦିତ କରୁଅଛି । ମଧ୍ୟମ ପାଣ୍ଡବ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଜଣେ ଶିଷ୍ୟ ଥିଲେ ଓ ସେ ଅର୍ଜୁନଙ୍କ ଭକ୍ତି ନିଷ୍ଠାରେ ପ୍ରୀତ ହୋଇ ତାଙ୍କୁ ନିଜର ବିଶ୍ୱରୂପକୁ ଦର୍ଶନ କରାଇଥିଲେ । ଇଂରେଜମାନେ ଭାରତବର୍ଷର ଶାସନ ବ୍ୟବସ୍ଥାକୁ ଅକ୍ତିଆର କରିସାରିବା ପରେ ଅନୁଭବ କଲେ ଯେ ଯଦି ଗୁରୁକୁଳ ପ୍ରଥାକୁ ଉଛେଦ କରାନଯିବା ତାହେଲେ ଭାରତୀୟ ମାନଙ୍କୁ ଜୟ କରିବା କଷ୍ଟ ହେବ । ଏହାପରେ ଥୋମାସ ବେବିଙ୍ଗ୍‌ଟନ୍ ମାକୁଲେ ଯେକି ଜଣେ ବ୍ରିଟିଶ ରାଜନେତା ଥିଲେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବ□ନନ ଆଣିବାକୁ ବ୍ରିଟିଶ ସରକାରଙ୍କୁ ସୁପାରିଶ କଲେ ଓ ଯେଉଁ ଅନୁଦାନ ଗୁରୁକୂଳଗୁଡ଼ିକୁ ଦିଆଯାଉଥିଲା ତାକୁ ବନ୍ଦ କରିଦିଆଗଲା ଓ ଭାରତରେ ପାଶ୍ଚାତ୍ୟ ଶିକ୍ଷା ଅନୁକରଣରେ ଇଂରାଜୀ ଭାଷାରେ ବିଦ୍ୟାଳୟମାନ ଖୋଲିଲା । ମାକୁଲେ ଯେଉଁ ରିପୋର୍ଟ ଦେଇଥିଲେ ତାକୁ ମାକୁଲେ ରିପୋର୍ଟ ବୋଲି କୁହାଯାଏ । ତାଙ୍କ ରିପୋର୍ଟ ଆଧାରରେ ୧୮୩୫ ମସିହାରେ ନୂଆ ଶିକ୍ଷାନୀତି ପ୍ରଣୟନ କରାଗଲା । ଏହା ପରେ ପରେ ଗୁରୁକୁଳ ପ୍ରତି ଆଦର କମିଲା ଓ ଇଂରାଜୀ ପାଠ ଉପରେ ଭାରତୀୟମାନେ ଭରସା କରିବାକୁ ଆରମ୍ଭ କଲେ । ଭାରତୀୟମାନେ କିଭଳି ଆମର ପ୍ରାଚୀନ ଶିକ୍ଷାକୁ ଭୁଲି ପାଶ୍ଚାତ୍ୟ ଶିକ୍ଷାକୁ ଅନୁକରଣ କରିଥିଲେ ସେକଥା ବ୍ୟାସକବି ଫକିରମୋହନ ସେନାପତି ତାଙ୍କ କବିତା 'ମୁଁ ହାଟ ବାହୁଡ଼ା'ରେ ଲିପିବଦ୍ଧ କରିଛନ୍ତି । ଭାରତରେ ଗୁରୁକୁଳ ପ୍ରଥା ବନ୍ଦ ହେବା ପାଇଁ କେବଳ ବ୍ରିଟିସ ସରକାର ଦାୟୀ ନୁହନ୍ତି । ଖ୍ରୀଷ୍ଟାବ୍ଦ ତ୍ରୟଦଶ ଶତାବ୍ଦୀଠାରୁ ଲୋକମାନେ ଆସ୍ତେ ଆସ୍ତେ ଗୁରୁକୁଳ ବ୍ୟବସ୍ଥଠାରୁ ଦୂରେଇ ଯିବାକୁ ଲାଗିଲେ । ବିଶେଷ କରି ଯେତେବେଳେ ହିନ୍ଦୁ ବା ସନାତନୀମାନେ ବେଦ ଉପନିଷଦଠାରୁ ଦୂରେଇଗଲେ, ଭାରତରେ ବୌଦ୍ଧ ଧର୍ମ, ଜୈନ ଧର୍ମ, ଶିଖ ଧର୍ମ ଆଦି ମୁଣ୍ଡ ଟେକିଲା । ବର୍ଣ୍ଣାଶ୍ରମଠାରୁ ଲୋକମାନେ ମନ ଫେରାଇବା ଆରମ୍ଭ କଲେ । ପରବ□ୀ ଅବସ୍ଥାରେ ମୁସଲମାନ ଲୁଟେରା ଯଥା ବକ୍ତିଆର୍ ଖିଲଜି ୧୧୯୩ ଖ୍ରୀଷ୍ଟାବ୍ଦରେ ଭାରତ ଆକ୍ରମଣ ଓ ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟ ଯେଉଁଠି ପୃଥିବୀର ଭିଭିନ୍ନ ଦେଶର ଛାତ୍ରମାନେ ଅଧ୍ୟୟନ କରୁଥିଲେ ତାକୁ ପୋଡିଦିଆଯିବା ଘଟଣା ସମସ୍ତ ସନାତନୀଙ୍କ ଉପରେ ଏକ ଗଭୀର ପ୍ରଭାବ ପକେଇଥିଲା । ଏହା ପରେ ପରେ ବ୍ରିଟିଶ ଶାସନ ସମୟରେ ଏ ପ୍ରଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା ।

ଦେଶ ସ୍ୱାଧୀନ ହେବା ପରେ ପୁନର୍ବାର ଶିକ୍ଷା ବ୍ୟବସ୍ଥାରେ ପରିବ□ନ କରାଯାଇ ଗୁରୁକୂଳ ଡା□କୁ ଆପଣାଇବା କଥା । କିନ୍ତୁ ତାହା ହେଲାନାହିଁ ବରଂ ଆମ ଶିକ୍ଷା ବ୍ୟବସ୍ଥାରେ ଲୁଟେରାମାନଙ୍କ ମହିମା ମଣ୍ଡନ କରାଗଲା । ଭାରତୀୟ ସମ୍ବିଧାନର ଧାରା ୩୦(୧)ରେ ସଂଖ୍ୟାଲଘୁମାନଙ୍କୁ କେବଳ ଅଧିକାର ଦିଆଗଲା ଯେ ସେମାନେ ନିଜ ଇଚ୍ଛାରେ ବିଦ୍ୟାଳୟ ଖୋଲିପାରିବେ ଓ ନିଜର ଧର୍ମୀୟ ପୁସ୍ତକକୁ ପଢାଇପାରିବେ । ସେ ସୁବିଧା ସଂଖ୍ୟାବହୁଳମାନଙ୍କୁ ଦିଆଗଲା ନାହିଁ । ସନାତନୀମାନଙ୍କୁ ଆଧାତ୍ମିକ ଶିକ୍ଷାରୁ ବ□ିତ ରଖିବା ପାଇଁ ଧର୍ମ ସମ୍ବନ୍ଧୀୟ ପାଠ୍ୟ ପୁସ୍ତକ ସରକାରୀ ଅନୁଦାନରେ ପଢା ଗଲାନାହିଁ । କିନ୍ତୁ ସଂଖ୍ୟାଲଘୁମାନଙ୍କୁ ମଦ୍ରସା ଖୋଲି ଧର୍ମ ଶିକ୍ଷାର ବ୍ୟବସ୍ଥା କରାଗଲା । ଏହାଥିଲା ଆମ ଶିକ୍ଷା ଓ ସଂସ୍କୃତିକୁ ଲୋପ କରିବାକୁ ଏକ ରୀତିମତ ଷଡ଼ଯନ୍ତ୍ର । ଐତିହାସିକମାନଙ୍କ ମତରେ ପ୍ରାଚୀନ କାଳରେ ଏପରିକି ଖ୍ରୀଷ୍ଟପୂର୍ବ ୫ ହଜାର ବର୍ଷ ବେଳକୁ ଭାରତ ଉପମହାଦେଶରେ ୭,୩୨,୦୦୦ ଗୁରୁକୁଳ ଥିଲା । ଏହା ଥିଲା ପୃଥିବୀର ସବୁଠାରୁ ପୁରାତନ ଶିକ୍ଷା ବ୍ୟବସ୍ଥା । ଏକ ବିଂଶ ଶତାବ୍ଦୀର ମଣିଷ ସେ ଗୁରୁକୁଳ ବ୍ୟବସ୍ଥାଠାରୁ ଅନେକ ଦୁରକୁ ଚାଲିଯାଇ ଅନୈତିକ ଉପାୟରେ ପ୍ରଚୁର ଅର୍ଥ ରୋଜଗାର କରିବା ଓ ଜୀବନକୁ ଉପଭୋଗ କରିବା ହିଁ ଜୀବନର ଆଦର୍ଶ ବୋଲି ଧରି ନେଇଛି । ଧର୍ମ ଆଧାତ୍ମିକତା ସଂସ୍କାର ଏସବୁ ତା' ନିକଟରେ ଅଜି ମୂଲ୍ୟହୀନ । ସେ ବା କାହିଁ ବୁଝିବ ଜୀବନରେ ଗୁରୁର କ'ଣ ଆବଶ୍ୟକତା ରହିଛି । ଶିକ୍ଷା ଦାନ ପାଇଁ ଯେଭଳି ଶିକ୍ଷକ ବା ଗୁରୁଙ୍କ ଆବଶ୍ୟକତା ଅଛି ଠିକ ସେଇଭଳି ଏହି ମାୟା ଜଗତକୁ ଓ ନିଜର ସୃଷ୍ଟି ରହସ୍ୟକୁ ଉନ୍ମୋଚନ କରିବା ପାଇ ଜଣେ ତ□ଦର୍ଶୀ ଗୁରୁଙ୍କ ଆବଶ୍ୟକତା ରହିଛି । ଏ ସୃଷ୍ଟିର ସ୍ରଷ୍ଟା କିଏ ? ଆମକୁ କିଏ ସୃଷ୍ଟି କରିଛି ? ମୃତ୍ୟୁ ପରେ ଆମେ କୁଆଡେ ଯିବା ? ପୁନର୍ଜନ୍ମ ଅଛି କି ନାହିଁ ? ଈଶ୍ୱର ଅଛନ୍ତି କି ନାହିଁ ? କ'ଣ କଲେ ଆମେ ମୋକ୍ଷ ଲାଭ କରିବା ? ଇତ୍ୟାଦି ଜାଣିବା ପାଇଁ ଜଣେ ଗୁରୁଙ୍କ ଆବଶ୍ୟକତା ରହିଛି । ଭଗବାନ ଶ୍ରୀକୃଷ୍ଣ ସମସ୍ତ ବିଦ୍ୟା ଓ ଐଶ୍ୱର୍ଯ୍ୟର ଅଧିକାରୀ ଥାଇ ସନ୍ଦୀପନି ଋଷିଙ୍କୁ ନିଜର ଗୁରୁ କରିଥିଲେ ଓ ଭଗବତ୍ ଗୀତାରେ ନିଜର ଶାଖା ଅର୍ଜୁନ ଯେତେବେଳେ ଦ୍ୱନ୍ଦ୍ୱରେ ମହାଭାରତ ଯୁଧରେ ପଡିଥିଲେ ଓ ନିଜ ଲୋକଙ୍କ ସହିତ ଯୁଦ୍ଧ ନ କରିବାକୁ ସ୍ଥିର କରିଥିଲେ ସେହି ମୁହୂ□ରେ କ'ଣ କରିବା ଉଚିତ ଓ କ'ଣ ଅନୁଚିତ ସେ ସମ୍ପର୍କୀୟ ଜ୍ଞାନ ପାଇଁ ତାଙ୍କୁ ଜଣେ ତ□ଦର୍ଶି ଗୁରୁ କରିବାକୁ ଭଗବାନ ଭଗବାଦ ଗୀତାର ଚତୁର୍ଥ ଅଧ୍ୟାୟ ୩୪ ନମ୍ବର ଶ୍ଳୋକରେ ଉପଦେଶ ଦେଇଥିଲେ ଓ ଗୁରୁଙ୍କ ପାଖରୁ କିଭଳି ଜ୍ଞାନ ଲାଭ କରାଯାଇପାରିବ ତା'ର ଉପାୟ ଭଗବାନ ସେହି ଶ୍ଳୋକରେ ବର୍ଣ୍ଣନା କରିଛନ୍ତି । ଗୁରୁଙ୍କ ଠାରୁ ଜ୍ଞାନ ଆହରଣ କରିବାକୁ ହେଲେ ପ୍ରଥମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ବିନୟ ବଚନ ମାଧ୍ୟମରେ ପ୍ରଶ୍ନ କରିବାକୁ ପଡିବ । ଗୁରୁ ଶିଷ୍ୟର ବ୍ୟବହାରରେ ସନ୍ତୁଷ୍ଟ ହେଲେ ସେ ଜ୍ଞାନ ବିତରଣ କରିବେ । ତ□ଦର୍ଶି ଗୁରୁ କାହାକୁ କୁହାଯାଏ ସେ ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ । ତ□ଦର୍ଶି ଗୁରୁ ସେଇମାନେ ଯେ ସତ୍ୟଦର୍ଶୀ ଓ ଜୀବନକୁ ଭଲ ଭାବେ ବୁଝିଛନ୍ତି । ଜୀବର ଜନ୍ମ ଓ ମୃତ୍ୟୁ ସେମାନଙ୍କ ପାଇଁ ସମାନ । ଜୀବର ମୃତ୍ୟୁରେ ସେମାନେ ବିଚଳିତ ହୁଅନ୍ତି ନାହିଁ । ଦୁଃଖ ଓ ସୁଖ ସେମାନଙ୍କ ପାଇଁ ଏକା କଥା ଓ ପ୍ରତ୍ୟେକ ଜୀବ ଏପରିକି ଜଡ ଓ ଚେତନ ଭିତରେ ଈଶ୍ୱରଙ୍କୁ ଦେଖିଥା'ନ୍ତି ଇତ୍ୟାଦି ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷି ବଶିଷ୍ଠଙ୍କୁ ମଧ୍ୟ ଗୁରୁ କରିଥିଲେ । ସାଧାରଣତଃ ଆମେ ଯା ପାଖରୁ କିଛି ଜ୍ଞାନ ଆହରଣ କରିଥାଉ ଆମେ ତାକୁ ଗୁରୁ ଭାବେ ମାନିଥାଉ । ଭାଗବତରେ ଅବଧୂତ ୨୪ ଗୁରୁ କରିଥିବା କଥା ଉଲ୍ଲେଖ ଅଛି । ଏପରିକି ସେ ବେଶ୍ୟା, ସମୁଦ୍ର, ଅଗ୍ନି, ମହୁମାଛି, ଅଜଗର ସାପଙ୍କୁ ଗୁରୁ କରିଥିଲେ, କାରଣ ସେ ସେମାନଙ୍କ ପାଖରୁ କିଛି ମୂଲ୍ୟବୋଧ ଭି□କ ଜ୍ଞାନ ପାଇଥିଲେ । ତେଣୁ ପ୍ରତ୍ୟେକ ମଣିଷ ଏହି ଭବସାଗରରୁ ଉ□ୀର୍ଣ୍ଣ ହେବା ପାଇଁ ଈଶ୍ୱରୀୟ ଜ୍ଞାନ ବା ବ୍ରହ୍ମଜ୍ଞାନ ଜାଣିବା ନିହାତି ଆବଶ୍ୟକ । ଯେଉଁ ସାଧୁ ସନ୍ଥ, ମୁନି ଋଷିମାନେ ବର୍ଷ ବର୍ଷ ଧରି ଈଶ୍ୱରଙ୍କୁ ଜାଣିବା ପାଇଁ ନିଜର ଜୀବନକୁ ସମର୍ପିତ କରି ଐଶ୍ୱରୀୟ ଆନନ୍ଦ ଉପଲବ୍ଧି କରିଛନ୍ତି ସେଇମାନେ ହିଁ ପ୍ରକୃତ ତ□ଦର୍ଶୀ ଗୁରୁ । ସେହି ମାନଙ୍କ ଆଶୀର୍ବାଦ ପାଇଲେ ମଣିଷ ଏହି ଭବାର୍ଣ୍ଣବରୁ ମୁକ୍ତି ପାଇପାରିବେ ଓ ସେହିମାନେ ହିଁ ବ୍ୟକ୍ତିର ପଥ ପ୍ରଦର୍ଶନ କରିପାରିବେ । ପ୍ରାଚୀନ ଗୁରୁକୁଳ ପରମ୍ପରା ଓ ଆଜିର ଶିକ୍ଷା ଭିତରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଆଜିର ଶିକ୍ଷା କେବଳ ମଣିଷକୁ ସ୍ୱାବଲମ୍ବୀ ହୋଇ ଅର୍ଥ ଉପାର୍ଜନର କଳା ଶିକ୍ଷା ଦେଇଥିବାବେଳେ ଗୁରୁକୁଳ ଶିକ୍ଷା ବ୍ୟକ୍ତିର ସାମଗ୍ରୀକ ବିକାଶ ଯଥା–ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧାତ୍ମିକ ବିକାଶ କରିଥାଏ । ଫଳରେ, ବ୍ୟକ୍ତି ଶୃଙ୍ଖଳିତ, ନୀତିବାନ, ଭଦ୍ର, ସଞ୍ଜମି, ଚରିତ୍ରବାନ ହୋଇ ସମାଜରେ ଏକ ସୁସ୍ଥ ଓ ସହଂତ ଜୀବନଯାପନ କରେ । କିଛି ବ୍ୟକ୍ତିଙ୍କ ଧାରଣା ଗୁରୁକୁଳ ଶିକ୍ଷା ଲାଭ କରି ଜଣେ ବ୍ୟକ୍ତି ଭଲ ଡାକ୍ତର, ବୈଜ୍ଞାନିକ, ଆଇଏଏସ୍, ଆଇପିଏସ୍ ହୋଇପାରିବ ନାହିଁ । ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା । କେରଳ ଗୋବିନ୍ଦ କୃଷ୍ଣ ଗୁରୁକୂଳରେ ଶିକ୍ଷାଲାଭ କରି ଇସ୍ରୋ ରିସର୍ଚ୍ଚ ସେ□ରରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଛନ୍ତି । ତାଙ୍କ ମତରେ ଝକ୍ସସଜ୍ଞସସଷ୍ପଙ୍କ-ବକ୍ଷସସ୍ପଛ ୫ ଝମସରଭମର ମବଭ ଙ୍ଗବକ୍ଷଳ ସ୍ପକ୍ଟଶରସ୍ପଷରକ୍ସ । ଅଜିର ସମାଜରେ ଗୁରୁ ଶିଷ୍ୟ ପରମ୍ପରାର ଅଧପତନ ଘଟିଛି । ଗୁରୁ ଓ ଛାତ୍ରୀ ଭିତରେ ଅନୈତିକ ସମ୍ପର୍କ ଗଢ଼ି ଉଠୁଛି । ଆଜି ଗୁରୁ ଛାତ୍ର ମାନଙ୍କୁ ଭୟ କରୁଛନ୍ତି । କିଛି ଟାଣ କଥା କହିଦେଲେ ଛାତ୍ରମାନେ ପ୍ରତିବାଦ କରୁଛନ୍ତି । ଭକ୍ତି, ଭଲପାଇବା ଆଦି ବହୁ ଦୂରକୁ ଚାଲିଯାଇଛି । ଜଣେ ଆଦର୍ଶ ସଂସ୍କାରି ଛାତ୍ର ତିଆରି ହେବା ପାଇଁ ଗୁରୁକୁଳର ଆବଶ୍ୟକତା ଅନୁଭବ କରାଯାଉଛି । ଆବଶ୍ୟକତାକୁ ଅନୁଭବ କରି ବହୁ ବୁଦ୍ଧିଜୀବି, ପଣ୍ଡିତ, ବିଦ୍ୱାନ ବ୍ୟକ୍ତିମାନେ ପ୍ରାଚୀନ ପରମ୍ପରାକୁ ଆପଣାଇବାକୁ ଯାଇ ଆଜି ଅନେକ ଗୁରୁକୂଳ ପ୍ରତିଷ୍ଠା କରି ବିଦ୍ୟାଦାନ କରୁଛନ୍ତି । ଗୋଟିଏ ପରିସଂଖ୍ୟାନରୁ ଜଣାଯାଏ, ୨୦୨୨ ସୁଦ୍ଧା ୪ ହଜାରରୁ ଅଧିକ ଗୁରୁକୂଳ ପ୍ରତିଷ୍ଠା ହୋଇସାରିଛି । ଖାଲି ଛାତ୍ରମାନଙ୍କ ନୈତିକ ସ୍ଖଳନ ହୋଇନାହିଁ; ଗୁରୁମାନଙ୍କ ମଧ୍ୟରେ ଅଧୋଗତି ଦେଖା ଦେଇଛି । ଏ ସମସ୍ୟାର ସମାଧାନ ପାଇଁ ଶିକ୍ଷାରେ ସରକାର ଆଧାତ୍ମିକତଙ୍କ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ନୂଆ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି । ଦେଖାଯାଉ ଏହି ନୀତିର ପ୍ରଭାବରେ ଛାତ୍ର ଓ ଛାତ୍ରୀମାନଙ୍କ ଉପରେ କେତେ ପ୍ରଭାବ ପକାଉଛି ।

ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ: ୮୨୪୯୨୮୧୫୬୭

# ଗୁରୁପୂଜା ପରମ୍ପରାରେ ବ୍ୟାସ ପୂର୍ଣ୍ଣିମା

ଗୁରୁପୂଜା ପରମ୍ପରା ମୁଖ୍ୟତଃ ଗୁରୁଙ୍କ ପୂଜା କରିବା ଓ ଭକ୍ତି ପ୍ରଦାନ ଦିଗରେ ଉତ୍ସର୍ଗୀକୃତ । ଏହି ସଂସ୍କୃତ ଶବ୍ଦ ଗୁରୁ ଶବ୍ଦଟିର ଦୁଇଟି ଅକ୍ଷରର ଅର୍ଥ ବିଶେଷ ଗୁରୁତ୍ୱ ବହନ କରେ । 'ଗୁ'ର ଅର୍ଥ ଅଜ୍ଞାନ ବା ଅନ୍ଧକାର । ଆଉ 'ରୁ' ଅର୍ଥ ଲିଭେଇଦେବା ବା ଦୂରେଇ ଦେବା । ଅର୍ଥାତ୍ ଅଜ୍ଞାନ ବା ଅନ୍ଧକାରକୁ ଯିଏ ଦୂରେଇ ଦିଅନ୍ତି ସେ ଗୁରୁ ପଦବାଚ୍ୟ । ଗୁରୁ ପୂର୍ଣ୍ଣିମା ବା ବ୍ୟସା ପୂର୍ଣ୍ଣିମା ଆଷାଢ଼ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ । ମୁଖ୍ୟତଃ ହିନ୍ଦୁ, ବୌଦ୍ଧ ଓ ଜନୈନ ଧର୍ମାବଲମ୍ବୀମାନେ ଏହି ପର୍ବଟିକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି । ଭାରତ ବ୍ୟତୀତ ନେପାଳରେ ମଧ୍ୟ ଏହି ପର୍ବଟିର ପାଳନ ପରମ୍ପରା ରହିଛି । ଉତର ପ୍ରଦେଶରେ ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ପାଇଁ ଏହି ପର୍ବ ପାଳନ କରିଥାନ୍ତି । ଯୋଗୀ ପରମ୍ପରା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ପ୍ରଥମ ଗୁରୁ । ତେଣୁ ଯୋଗୀମାନେ ଶିବଙ୍କୁ ଆଦିଗୁରୁ ଭାବେ ପୂଜା କରିଥାନ୍ତି । କିନ୍ତୁ ହିନ୍ଦୁ ଋଷି, ସାଧୁ, ସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବରେ ପୂଜା କରିଥାନ୍ତି । ବ୍ୟାସଦେବଙ୍କ ଆଲୋକ ବର୍ତିକାରେ ସପ୍ତରଷିଗଣ ସୃଷ୍ଟି ହୋଇଥିଲେ । ତେଣୁ ହିନ୍ଦୁମାନେ ବ୍ୟାସଦେବଙ୍କୁ ମହାନ ଗୁରୁ ଭାବରେ ପୂଜା କରନ୍ତି । ପ୍ରାଚୀନ କାଳରୁ ଏହି ଗୁରୁ ଶିଷ୍ୟ ପରମ୍ପରା ଚାଲିଆସୁଛି । ଏହି ଦିନଟିରେ ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟିହୁଏ ।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ମହାଭାରତ ରଚୟିତା ବ୍ୟାସଦେବ ଋଷି ପରାଶର ଏବଂଧୀବର କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣି ତିଥିରେ ଜନ୍ମ ଗ୍ରହଣ କରିଥିଲେ । ତେଣୁ ଏହି ଦିନଟିକୁ ବ୍ୟାସ ପୂର୍ଣ୍ଣିମା ଭାବେ ମଧ୍ୟ ପାଳନ କରାଯାଏ । ବେଦବ୍ୟାସ ଜଣେ ବିଜ୍ଞ ଋଷି ଥିଲେ । ସେ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାର ଉପଯୋଗୀ ଶାସ୍ତ୍ର ରଚନା କରିଥିଲେ । ସେ ବେଦସ୍ତୁତିକୁ ପାଳିଆ, ବୈଷମପାୟନ, ଜୈମିନୀ ଓ ସୁମନ୍ତ ଏହିପରି ୪ ପ୍ରକାର ଶାସ୍ତ୍ରରେ ବିଭକ୍ତ କରିଥିଲେ । ଏହାପରେସେ ଋକ୍, ସାମ୍, ଯର୍ଜୁ ଓ ଅଥର୍ବ ବେଦଶାସ୍ତ୍ର ରଚନା କରିଥିଲେ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶିବଙ୍କୁ ଆଦିଗୁରୁ ଭାବେ ସ୍ୱୀକାର କରାଯାଇଛି । ଗୌତମ ବୁଦ୍ଧ ଯେତେବେଳେ ପ୍ରଗାଢ଼ ଜ୍ଞାନର ଅଧିକାରୀ ହୋଇଗଲେ ସେ ତାଙ୍କର ୫ ଜଣ ଅନୁଗାମୀଙ୍କୁ ଉପଦେଶ ଶିକ୍ଷା ଦେଇ ଗୁରୁ ହୋଇଥିଲେ । ସେ ଆଷାଢ଼ ମାସର ପୂର୍ଣ୍ଣମୀ ତିଥିରେ ତାଙ୍କର ଭିକ୍ଷୁମାନଙ୍କୁ ପାଂଚୋଟି ଧର୍ମ ଉପଦେଶ ଦେଇଥିଲେ । ଯାହାକୁ ଧମକାକପ୍ରାଟନ କୁହାଯାଏ । ଗୁରୁ ପୂର୍ଣ୍ଣିମା ପର୍ବଟି ଅତ୍ୟନ୍ତ ପବିତ୍ର । ଏହିଦିନ ଆଦିଗୁରୁ ମାନବ ସମାଜର ବିକାଶ ପାଇଁ ନିୟମମାନ ତିଆରି କରିଥିଲେ । ସପ୍ତରଷିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜ୍ଞାନ ଉପରେ ସାରା ବିଶ୍ୱକୁ ଶିକ୍ଷଣୀୟ ମହାତ୍ମ୍ୟ ମିଳିଲା । ହିନ୍ଦୁ ଆଧାତ୍ମିକ ଶିକ୍ଷାକୁ ସମ୍ମାନ ଦେବା ପାଇଁ ଏହି ବ୍ୟାସ ପୂର୍ଣ୍ଣମା ପର୍ବ କରାଯାଇଥାଏ । ଏହି ପୂଜାକୁ ମଧ୍ୟ ବିଭିନ୍ନ ମନ୍ଦିରରେ ପାଳନ କରାଯାଇଥାଏ । ଯେଉଁଥିରେ ଗୁରୁଙ୍କ ଉଦ୍ଦେଶ୍ୟରେ ପୁଷ୍ପ ଓ ଉପହାରମାନ ଅର୍ପଣ କରାଯାଇଥାଏ ।



ଡ଼ଃ.ଅରୁନ୍ଧତୀ ଦେବୀ

ଆଶ୍ରମ, ମଠ ଓ ବିଭିନ୍ନ ଭକ୍ତି ବାତାବରଣ ସ୍ଥାନମାନଙ୍କରେ କୀ□ନ କରାଯାଏ । ଏହି ପୂଜା ହେଉଥିବା ସ୍ଥାନକୁ ତ୍ରିନୋକ ଗାଦି ବୋଲି କୁହାଯାଏ । ଗୁରୁ ପୂର୍ଣ୍ଣିମାକୁ ମଧ୍ୟ ପାଦପୂଜା ଦିବସ କୁହାଯାଏ । ଏହି ପୂଜାଟି ମୁଖ୍ୟତଃ ଗୁରୁ ଓ ଶିଷ୍ୟର ବିଷୟ ବସ୍ତୁକୁ ନେଇ ଆଧାରିତ । ଏଥିରେ ଏକ ମନ୍ତ୍ର ଉଚ୍ଚାରଣ କରାଯାଏ ତାହା ହେଉଛି - ତ୍ରିନୋକ ଗୁହାର ବ୍ରହ୍ମ, ତ୍ରିନୋକ ଗୁହାର ବିଷ୍ଣୁ, ତ୍ରିନୋକ ଗୁହାର ଦେବୋ ମହେଶ୍ୱର, ତ୍ରିନୋକ ଗୁହାର ସାକ୍ଷାତ ପରମବ୍ରହ୍ମ, ତସ୍ମୈ ଶ୍ରୀ ତ୍ରିନୋକ ଗୁହା ବେ ନମଃ । ଏହି ବ୍ୟାସ ପୂର୍ଣ୍ଣିମା ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଉଥିଲେ ମଧ୍ୟ ଏହାର ଲକ୍ଷ୍ୟ ଏକ । ଗୁରୁମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏହି ପରମ୍ପରାଟି ଉତ୍ସର୍ଗୀକୃତ ।ଗୁରୁ-ଶିଷ୍ୟ ପରମ୍ପରାରେ ଏକଲବ୍ୟ : ପ୍ରାଚୀନ ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ଏକଲବ୍ୟଙ୍କ ବିଷୟରେ ବର୍ଣ୍ଣନା ରହିଛି । ପିଲାଦିନେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ପାଖରେ ଧନୁର୍ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଖୁବ୍ ଆଗ୍ରହୀ ଥିଲେ । ଦ୍ରୋଣଙ୍କ ନିକଟରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଶିକ୍ଷା ଗ୍ରହଣ କରୁଥିବାରୁ ଶୁଦ୍ର ଏକଲବ୍ୟଙ୍କୁ ଦ୍ରୋଣ ଶିକ୍ଷାଦାନ ପାଇଁ ମନା କରିଦେଇଥିଲେ । ପ୍ରତ୍ୟକ୍ଷ ଭାବେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ଶିକ୍ଷାଦାନରୁ ବ□ିତ ହେଲେ କିନ୍ତୁ ପରୋକ୍ଷରେ ସେ ଦ୍ରୋଣଙ୍କୁ ଗୁରୁ ଭାବେ ଗ୍ରହଣ କରି ଶିକ୍ଷା ଗ୍ରହଣ କଲେ । ଗୁରୁ ଦ୍ରୋଣଙ୍କ ଶିଷ୍ୟ ଅର୍ଜୁନ, ଭୀମ, ଯୁଧିଷ୍ଠିର, ନକୁଳ, ସହଦେବ, ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ରାଜପୁତ୍ରଙ୍କୁ ଧନୁର୍ବିଦ୍ୟା ଶିଖାଇବା ସମୟରେ ସେ ଦୂରରେ ରହି ଧନୁ ବିଦ୍ୟାକୁ କରାୟତ କରିନେଲେ । ଥରେ ଶିକ୍ଷାଦାନ ସମୟରେ କୁକୁର ଭୁକିବାରୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାଦାନରେ ବ୍ୟାଘାତ ଘଟିଲା । ଏହା ଦୂରରୁ ନିରିକ୍ଷଣ କରି ଏକଲବ୍ୟ ତୀର ମାରି କୁକୁରର ଭୁକିବା ବନ୍ଦ କରିଦେଲେ । ତୀର ମାରି କୁକୁରଟିର ଭୁକିବା ବନ୍ଦ କରିଦେଇଥିଲେ ମଧ୍ୟ କୁକୁରଟି କିଛି ବି କ୍ଷତି ହୋଇନଥିଲା । ଏହା ତାଙ୍କ ଧନୁର୍ବିଦ୍ୟାର ଶ୍ରେଷ୍ଠ ପରାକାଷ୍ଠା ଥିଲା । ଧନୁର୍ବିଦ୍ୟା ଶିଖି ତୀର ଚାଳନାରେ ପାରଙ୍ଗମ ହୋଇଥିବାରୁ ତାଙ୍କର ସବୁଆଡ଼େ ଚର୍ଚ୍ଚା ହେଉଥିଲା । ଏହି କଥା ଗୁରୁ ଦ୍ରୋଣଙ୍କ ନଜରକୁ ଆସିଲା । କିନ୍ତୁ ଦ୍ରୋଣଙ୍କର ଇଚ୍ଛାଥାଏ ସାରା ବିଶ୍ୱରେ ଅର୍ଜୁନ ହିଁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ହୁଅନ୍ତୁ । ସେ ଏହା ସହ୍ୟ କରି ନପାରି ଦିନେ ଏକଲବ୍ୟର କୁଡ଼ିଆକୁ ଗଲେ । ସେଠାରେ ଗୁରୁ ଦ୍ରୋଣ ଦେଖିଲେ ତାଙ୍କର ଏକ ପ୍ରତିମୂର୍ତି ରଖି ଏକଲବ୍ୟ ପୂଜା କରୁଛି ଓ ସ୍ୱୟଂ ନିଜେ ଧନୁର୍ବିଦ୍ୟା ଶିକ୍ଷା କରୁଛି । ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଗୁରୁପ୍ରୀତି ତଥା ନିଷ୍ଠା ଦେଖି ଚକିତ ହେଲେ । ଦ୍ରୋଣାଚାର୍ଯ୍ୟ ଗୁରୁ ଦକ୍ଷିଣା ସ୍ୱରୂପ ଏକଲବ୍ୟଙ୍କୁ ତାଙ୍କର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗିଲେ । ଏକଲବ୍ୟ କିଛି ନଭାବି ଗୁରୁ ଦ୍ରୋଣଙ୍କୁ ଶ୍ରେଷ୍ଠ ମନେକରି ତୁରନ୍ତ ଏକ ଛୁରୀ ଦ୍ୱାରା ତାଙ୍କର ବୃଦ୍ଧ ଆଙ୍ଗୁଠି କାଟି ଗୁରୁଦେବଙ୍କୁ ଦକ୍ଷିଣା ସ୍ୱରୂପ ପ୍ରଦାନ କଲେ । ଏକଲବ୍ୟ ତାଙ୍କର ନିଷ୍ଠା, ସାହସ ତଥା ଗୁରୁଭକ୍ତି ପରାକାଷ୍ଠା ପାଇଁ ଗୁରୁ ଭକ୍ତିର ଜ୍ୱଳନ୍ତ ଉଦାହରଣ ପାଲଟି ଗଲେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ: ୯୯୩୭୧୭୨୮୧୦*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
Bhubaneswar Thursday July 10 ଭୁବନେଶ୍ୱର ଗୁରୁବାର, ୧୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷ୍ୟରୁ ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଂଚାଅ ସମାବେଶ ପାଇଁ ପ୍ରସ୍ତୁତି ବୈଠକ



ନୟାଗଡ଼,(ପି.ଏନ): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ପୂର୍ବାହ୍ନରେ ନୟାଗଡ଼ ସ୍ଥିତ କେ.ସି କ୍ଲବ ଠାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତଚରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡିଶା ଦାୟିତ୍ୱ ରେ ଥିବା ଅଖିଳ ଭାରତ କଂଗ୍ରେସ କମିଟି ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲୁ ଯୋଗ ଦେଇ ଓଡ଼ିଶାରେ ବିଜେପି ସରକାର ଶାସିତ ସମୟରେ ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ସାଧାରଣ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ବିଫଳତା ଓ କେନ୍ଦ୍ରରେ ମୋଦି ସରକାର ୧୧ବର୍ଷ ଶାସନ କାଳ ମଧରେ ନଗରୀଙ୍କ ସାମ୍ବିଧାନିକ ଅଧିକାର କ୍ଷୁନ କରିଛନ୍ତି। ଯଥା କୌଣସି ରାଜନେତା ଦେଶର ହିତ ପାଇ ଯଦି କୁହନ୍ତି ଇ.ଡ ଓ ସିବିଆଇ ଡର ଦେଖାଇ ତାଙ୍କ ମୁହଁ ବନ୍ଦ କରନ୍ତି ପତ୍ରକାର ଯଦି କିଛି ସତ୍ୟ କଥା ପ୍ରକାଶ କରନ୍ତି ତାଙ୍କ ଚ୍ୟାନେଲ କୁ ବ୍ୟାନ୍ କରାଯାଏ ଓ ତାଙ୍କୁ ଜେଲ କୁ ପାଠା ଯାଏ । ଛାତ୍ର ସମାଜ ଯଦି ସରକାରଙ୍କୁ ପ୍ରଶ୍ନ କରନ୍ତି ତାଙ୍କୁ ଦେଶ ଦ୍ରୋହି କହି ଜେଲ କୁ ପଠାନ୍ତି, ଚାଷୀ ତାର ହାକ୍ ପାଏନି, ଆଦିବାସୀ ହରିଜନ ଓ ପଛୁଆ ବର୍ଗର ଲୋକ ତାଙ୍କ ସାମାଜିକ ନ୍ୟାଅ ପାଆନ୍ତି ନାହିଁ। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ୟାଶୀର ନୱାଜ ଯୋଗ ଦେଇ ରାଜ୍ୟ ସରକାରଙ୍କର ୧ବର୍ଷ ପୂର୍ତ୍ତି ରାଜ୍ୟ ବାସୀଙ୍କ ପାଇଁ ପ୍ରତାରଣାର ବର୍ଷ ।ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଫଳତାର ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ପଡିଆଠାରେ ସମ୍ବିଧାନ ବଂଚାଅ ସମାବେଶରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମାଳିକାର୍ଯୁନ ଖଡଗେ ଓ ଲୋକସଭା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉପସ୍ଥିତ ନୟାଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କୁ ସହଯୋଗ କାମନା କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ଅଜୟ ଲାଲ୍ଲୁ ଆନ୍ଦୋଳନରତ ଓଡ଼ିଶା ଡ୍ରାଇଭର ମହାସଂଘ ଆନ୍ଦୋଳନ ସ୍ଥଳରେ ପହଞ୍ଚି ସେମାନଙ୍କ ୭ ଦଫା ଦାବିକୁ ସମର୍ଥନ ଜଣାଇ ଆଗାମୀ ବିଧାନସଭା ବୈଠକ ରେ ଦାବି ଉପସ୍ଥାପନ କରିବା ପାଇଁ ଆନ୍ଦୋଳନରତ ଡିଭର୍ ଭାଇମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ପୂର୍ବତନ ସାଂସଦ ନକୁଳ ନାୟକ,ପୂର୍ବତନ ସଭାପତି ରଞ୍ଜିତ ଦାସ, ପିସିସି ସଭ୍ୟ ହୁସେନ ଖାନ୍, ବରିଷ୍ଟ କଂଗ୍ରେସ ନେତା ମନୋଜ ସାହୁ,ପୂର୍ବତନ ଜିଲ୍ଲା ସଭାପତି ସରୋଜ ପରିଡ଼ା,ରଣପୁର ବିଧାୟକ ପାର୍ଥି ବିଭୁ ପ୍ରସାଦ ମିଶ୍ର, ଖଣ୍ଡପଡ଼ା ପାର୍ଥୀ ବୈଜ୍ୟନ୍ତି ମାଳା ମହାନ୍ତି, କମଳ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ପ୍ରତୀକ ମହାପାତ୍ର, ବସନ୍ତ ମହାରଣା, ବିନୋଦିନୀ ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ନାୟକ, ଫକୀର ମଲ୍ଲ, ଧୂର୍ବ ଚନ୍ଦ୍ର ପରିଡା, ସୁକାନ୍ତ ଶତପଥୀ, ଆଦିତ୍ୟ ପରିଡ଼ା, ଉମେଶ ପଟ୍ଟନାୟକ, ଅଶୋକ ନାୟକ, ବୁଲୁ ପରିଡ଼ା, ପୀତବାସ ଖୁଣ୍ଟିଆ, ବିର ଅବୁବକର ଶିଦିକି, ପ୍ରକାଶ ଚନ୍ଦ୍ର ନାୟକ, ଅମଜାଦ ଖାନ୍, ଦିଲ୍ଲୀପ ଖୁଣ୍ଟିଆ, ଆଲୋକ ଚନ୍ଦ୍ର ପ୍ରଧାନ,ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ନିଲୁ ଷଡ଼ଙ୍ଗୀ, ସଞ୍ଜୟ ମହାନ୍ତି,ବାବୁଲି ଧଳ, ଜୀବନ ଜ୍ୟୋତି ରାଉତ, ଅମ୍ଳାନ ଅଂଶୁମାନ ସାହୁ, ଶାଶ୍ୱତ ପ୍ରଧାନ,ଅନୁରାଗ ସ୍ୱାଇଁ, ଦିଲ୍ଲୀପ ବିଶୋଇ, ଭାରତ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ସର୍ବଶେଷରେ ଛାତ୍ର କଂଗ୍ରେସ ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସମ୍ବିଧାନ ବଚ଼ାଓ ମହାସମାବେଶ ଡବଲ ଇଂଜିନ ସରକାର ପାଇଁ କାଳ ହେବ

ଭୁବନେଶ୍ୱର ,(ପି.ଏନ): ଆସନ୍ତା ୧୧ ଜୁଲାଇ କଂଗ୍ରେସର ସମ୍ବିଧାନ ବଚ଼ାଓ, ମହାସମାବେଶରେ ଯୋଗଦେବା ପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓ ସଂଗଠନ ସାଧାରଣ ସମ୍ପାଦକ ଭେଣୁଗୋପାଳ ଭୁବନେଶ୍ୱର ଆସୁଛନ୍ତି। ବୁଧବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତାଙ୍କ ଗହଣରେ ପିସିସି ସଭାପତି ଭକ୍ତଚ଼ରଣ ଦାସ ଏହି ଗସ୍ତ କାର୍ଯ୍ୟକ୍ରମ ବିଷୟରେ ସୂଚ଼ନା ଦେଇଛନ୍ତି। ସେ କହିଛନ୍ତି, ସେମାନେ ସେଦିନ ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦର ରେ ପହଁଚ଼ିବେ। ବିମାନ ବନ୍ଦର ରୁ ସିଧା ବରମୁଣ୍ଡା ପଡିଆ ଯିବେ। ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ ପାଇଁ ରହିବେ କଂଗ୍ରେସ କର୍ମୀ। ମଧ୍ୟାହ୍ନ ୧୨ଟାରେ ସଭାରେ ଯୋଗ ଦେବେ। ସଭା ସରିବା ପରେ ଚ଼ାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ବସିବ ବଡ଼ ବୈଠକ। ପ୍ରଥମେ ପଲିଟିକାଲ ଏଫାୟର୍ସ କମିଟି ସହ ବୈଠକ କରିବେ ରାହୁଲ ଓ ଏଆଇସିସି ସଭାପତି। ଏହା ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ହେବ ଆଲୋଚ଼ନା। ସନ୍ଧ୍ୟା ୫ଟାରେ ଦିଲ୍ଲୀ ଫେରିଯିବେ। ଶ୍ରୀ ଦାସ ଆହୁରି କହିଛନ୍ତି, ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ କେନ୍ଦ୍ର ଦଳିମକଚ଼ି ନଷ୍ଟ କରିଦେଇଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପ୍ରତାରଣାର ପ୍ରତୀକ ପାଲଟିଛି। ରାଜ୍ୟ ସରକାର ଶ୍ରୀଜଗନ୍ନାଥ ସଂସ୍କୃତି ସହ ମଧ୍ୟ ଖେଳୁଛନ୍ତି। ପୂର୍ବତନ ସଭାପତି ନିରଂଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶାପ୍ରକାଶ କରିଥିବା ବେଳେ ଅନ୍ୟତମ ଦୁଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଓ ଜୟଦେବ ଜେନା ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗଣମାଧ୍ୟମମାନେ ରାହୁଲଙ୍କ ଗସ୍ତର ବ୍ୟାପକ ପ୍ରଚ଼ାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସଭାପତି ପ୍ରସାଦ ହରିଚ଼ନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇଦେଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନ କରିବା ଦ୍ୱାରା ରାଜ୍ୟ ଦୁଇ ଲକ୍ଷ କୋଟିର ଅଣରାଜସ୍ୱ ଆୟ କାହା ସ୍ୱାର୍ଥରେ ହରାଇଲେ ବୋଲି ପ୍ରଶ୍ନ କରିବା ସହ ପଛୁଆ ବର୍ଗ ପାଇଁ ଆବଶ୍ୟକ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ। ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବହାନିପତି,ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ,ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ପ୍ରବାସୀ ଓଡ଼ିଶା ସଙ୍ଗ ପକ୍ଷରୁ ରାଜ୍ୟ ବିଜେପି ସଭାପତିଙ୍କୁ ଶୁଭେଛା : ବିଶ୍ୱ ରଞ୍ଜନ

କୁଏତ,(ପି.ଏନ): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ଭାବେ ଚ଼ତୁର୍ଥ ଥର ପୁର୍ନବାର ନିର୍ବାଚ଼ିତ ହୋଇଥିବା ଆଦରଣୀୟ ବଡଭାଇ ଶ୍ରୀଯୁକ୍ତ ମନମୋହନ ସାମଲଙ୍କୁ ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟଙ୍କ ତରଫରୁଙ୍କୁ ବହୁତସାରା ଶୁଭେଛା ଓ ଅଭିନନ୍ଦନ । ମହାପ୍ରଭୂ ଶ୍ରୀ ଜଗନ୍ନାଥ ଙ୍କ ଆଶ୍ରିବାଦ ରୁ ଭାରତୀୟ ପ୍ରବାସୀ ପରିଷଦ ( ଓଡ଼ିଶା ୱିଁଙ୍ଗ୍ ) ସଙ୍ଘ ତଥା ଭାରତ ସେବା ଦର୍ଶନ ଚ଼ାରୀ ଟେ ବୁଲ୍ ଟ୍ରଷ୍ଟ, ବିଶ୍ୱ ଓଡ଼ିଶା ସମାଜ୍ ( ଓଡ଼ିଶା ୱିଁଙ୍ଗ୍ ), ଇଣ୍ଡିଆନ୍ କମୁନିଟି ପୋଲିସ/ଆଜାଦ୍ ଠେଙ୍ଗା ବାହିନୀ, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ର ସଭାପତି ଶ୍ରୀଯୁକ୍ତ



ବିଶ୍ୱ ରଞ୍ଜନ ସାହୁ, ଏମ୍ଜ ଭାରତୀୟ ପ୍ରବାସୀ ପରିଷଦ (ଓଡ଼ିଶା ୱିଂଶ୍) ସଙ୍ଘ, କୁଏତ, କାର୍ଯ୍ୟକାରିଣୀ କେନ୍ଦ୍ରୀୟ କମିଟି ର ପ୍ରମୁଖ ସଭ୍ୟ ଶ୍ରୀଯୁକ୍ତ ଘନଶ୍ୟାମ ପଳାଇ, ଶ୍ରୀଯୁକ୍ତ ଅଶୋକ କୁମାର ସ୍ୱାଇଁ, ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ଜେନା, ସୁଶାନ୍ତ କୁମାର ସାହୁ, ମାନସ କୁମାର ରାଉଳ, ଶ୍ରୀଯୁକ୍ତ ନାରାୟଣ ରେଡ୍ଡୀ, ବୁଲୁ ସାମନ୍ତ ସିଂହାର, ସନ୍ତୋଷ ବିଶ୍ୱାଳ, ବିରଞ୍ଚି ସୁତାର, ମୋହନ ଚ଼ରଣ ବେହେରା, ଭରତ କୁମାର ମଲ୍ଲିକ୍, ସୋମରେନ୍ଦ୍ର ମଲ୍ଲିକ, ଗଦାଧର ଜେନା, ନୀଳମଣି ଖୁଣ୍ଟିଆ, ସୁଦାମା ପାତ୍ର, ନିର୍ମଳ ଖୁଣ୍ଟିଆ, ନିର୍ମଳ ସ୍ୱାଇଁ, ନିର୍ମଳ ସାମଲ, ସୁରତ୍ କୁମାର ମହାନ୍ତି, ହେମନ୍ତ କୁମାର ମହାନ୍ତି, ଶ୍ରୀକାନ୍ତ ନାୟକ, ଭୀମ ଜୁହାର, ବିକାଶ କୁମାର, ରାଜେଶ ବେହେରା, ଅଜିତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ମଲ୍ଲିକ୍, ପଙ୍କଜ କୁମାର ଦାସ, ମାମାଲୀ ସାହୁ, କ୍ରିଷ୍ଣା କୁମାର୍, ଶ୍ୟାମସୁନ୍ଦର,ଶ୍ରୀଯୁକ୍ତ , ରଞ୍ଜନ କୁମାର । ପ୍ରବାସୀ ଓଡ଼ିଆ ଜିଲ୍ଲା କାର୍ଯ୍ୟ କାରିଣୀ କମିଟି ର ପ୍ରମୁଖ ସଭ୍ୟ ସୁରେଶ ସାହୁ, ମନୋଜ ସାହୁ, ମିଥୁନ ନାୟକ, ଜଗନ୍ନାଥ ସାହୁ, ଗୋପାଳ ବିଶ୍ୱାଳ, ପ୍ରଫୁଲ୍ଲ ପଲାଇ, ମଙ୍ଗୁଳି ପ୍ରଧାନ, ବିକାଶ ମୁଦୁଲି, ବିଭୂତି ପ୍ରଧାନ, କାର୍ତ୍ତିକ ସାହୁ, ମାନସ ରଞ୍ଜନ ସ୍ୱାଇଁ, ଭାସ୍କର କୁମାର, ବିକାଶ କୁମାର, ଦୀପକ ଜେନା ତଥା ଭାରତୀୟ ପ୍ରବାସୀ ସଙ୍ଘ ର ବରିଷ୍ଟ ସଭ୍ୟ, କେନ୍ଦ୍ରୀୟ କମିଟି ସଭ୍ୟ, ଉପଦେଷ୍ଟା ତଥା ସମସ୍ତ ପ୍ରତିନିଧି ମାନେ ନିଜର ନିଜର ଅନେକ ଅନେକ ଶଭେଚ଼୍ଛା ଓ ଶୁଭ କାମନା ପ୍ରଦାନ କରିଛନ୍ତି । ଜୟ ଜୟ ଜଗନ୍ନାଥ।

## କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଦିନିକିଆ ଗଜପତି ଜିଲ୍ଲା ଗ୍ରସ୍ତ

ପାରଳାଖେମୁଣ୍ଡି,(ପି.ଏନ): କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସୁନୀଲ ସଚେଦେବ ଓ କେନ୍ଦ୍ରୀୟ ପ୍ରକଳ୍ପ ମନିଟରିଂ ୟୁନିଟ ସଚ଼ିନ କୁମାର ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ବ୍ଲକ୍ ଗୁମ୍ମା ଓ ଆର୍.ଉଦୟଗିରି କ୍ଷେତ୍ର ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରୀ ହେଉଥିବା ସ୍ଥାନ ଗୁଡ଼ିକରେ ବୁଲି ଦେଖିଥିଲେ। ସେହିପରି ଆର.ଉଦୟଗିରି ଆକାଂକ୍ଷା ବ୍ଲକ୍ ଅନ୍ତର୍ଗତ ଅବାରସିଂ ଓ ଶବରପଲ୍ଲୀ ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲେଚ଼ନା କରିଥିଲେ। ସେହିପରି ଗୁମ୍ମା ବ୍ଲକର ରାଗିଡି ଓ ତରଭା ଗ୍ରାମ ପଞ୍ଚାୟତରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲେଚ଼ନା କରିଥିଲେ। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ ଯୋଜନା ବିଷୟରେ ସୂଚ଼ନା ପ୍ରଦାନ ଦେଇଥିଲେ। ଯାହା ଏକ ରାଷ୍ଟ୍ର ଏକ ରାସନ୍ କାର୍ଡ ମାଧ୍ୟମରେ ଭିଟାମିନ ଯୁକ୍ତ ଚ଼ାଉଳ ପ୍ରଦାନ ଓ ଉକ୍ତ ଚ଼ାଉଳକୁ କିପରି ବ୍ୟବହାର କରିବେ, ଖାଦ୍ୟଶସ୍ୟ ଗ୍ରହଣ ସମୟରେ କୌଣସି ସମସ୍ୟା ରହିଛି କି ଇତ୍ୟାଦି ବିଷୟରେ ହିତାଧିକାରୀଙ୍କ ସହିତ ଆଲେଚ଼ନା କରିଥିଲେ। ଏହା ସହିତ ଧାନ ସଂଗ୍ରହ କେନ୍ଦ୍ର ଯଥା ରାୟଗଡ଼ା ଓ ଗୁମ୍ମା ଲ୍ୟାମ୍ପ ପରିଦର୍ଶନ କରିଥିଲେ। ପରେ ପାରଳାଖେମୁଣ୍ଡି ସ୍ଥିତ ଚ଼ାଉଳ ଗ୍ରହଣ ଡିପୋ ତଥା ନିୟନ୍ତ୍ରଣ ବଜାର କମିଟି ପରିଦର୍ଶନ କରି ଚ଼ାଉଳର ଗୁଣବତ୍ତା ଓ ପରିମାଣ ଯାଞ୍ଚ କରିଥିଲେ। ଗଜପତି ଜିଲ୍ଲାର ଆକାଂକ୍ଷା ବ୍ଲକ୍ ଗ୍ରସ୍ତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସମ୍ପୁର୍ଣ୍ଣତା କାର୍ଯ୍ୟ ହୋଇଥିବାରୁ ଖୁସିବ୍ୟକ୍ତ ହେଇଥିଲେ। ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗଜପତି ଜିଲ୍ଲାର ବିକାଶ ଆଗେଇ ଚ଼ାଲିଛି। ଆହୁରି ଅଧିକରୁ ଅଧିକ ଜିଲ୍ଲାକୁ ବିକାଶ କରିବା ପାଇଁ କିଭଳୀ କାର୍ଯ୍ୟ କରାଯିବ ସେ ନେଇ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ସମସ୍ତ କ୍ଷେତ୍ର ପରିଦର୍ଶନ ବିଷୟରେ ଆଲୋଚ଼ନା କରିଥିଲେ।

ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳ ସମ୍ପଦ ଆର୍ଥିକ ଅନ୍ତର୍ଭୁକ୍ତକରଣ ଓ ଦକ୍ଷତା ବୃଦ୍ଧି ଓ ମୌଳିକ ଆବଶ୍ୟକତା ପୁରଣ ଓ ନୀତି ଆୟୋଗ ପକ୍ଷରୁ କାର୍ଯ୍ୟକାରି ହେଉଥିବା ବିକାଶ ମୂଳକ ଯୋଜନା ଗୁଡ଼ିକ କୁ ଆଲୋଚ଼ନା କରିଥିଲେ। ଏତଦ୍ ବ୍ୟତୀତ ପିଏମ୍ ଜନମନ ଆବାସ ପ୍ରକଳ୍ପ, ମନରେଗା , ସ୍ୱଚ଼୍ଛ ଭାରତ ଅଭିଯାନ ଅଧୀନରେ ପରିମଳ ପ୍ରକଳ୍ପ, ଆୟୁଷ୍ମାନ ଭାରତ ଓ ପିଭିଟିଜି ପରିବାର ପ୍ରମୁଖ ଯୋଜନାର ଗୁଡ଼ିକ ବିଷୟରେ ମଧ୍ୟ ଆଲୋଚ଼ନା କରିଥିଲେ। ଆଜିର ଏହି ଗ୍ରସ୍ତ ସମୟରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ,ଅତିରିକ୍ତ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ସ୍ନେହାସିନୀ ବେହେରା, ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ସୁନାମୀ ମଣ୍ଡଳ, ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମେନ୍ ଖର୍ସ ?ଲ, ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ଯୋଗାଣ ନିରୀକ୍ଷକ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray